# Akashvani, Sambalpur

## SAMBALPURI NEWS BULLETIN

### 15 April 2025- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ- ଆମ୍ବେଦ୍କର ଜୟନ୍ତୀ ସିଏମ୍ଓ

ଭାରତ୍‌ରତ୍ନ ଡକ୍ଟର୍ ବି.ଆର୍. ଆମ୍ବେଦ୍କରଙ୍କର୍ ସମ୍ମାନ୍‌ଥି ଭୁବ୍‌ନେଶ୍ୱର୍ ଠାନେ ଗୁଟେ ଭବନ୍ ନିର୍ମାଣ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍‌ନା କରିଛନ୍ । ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ଗଲାକାଏଲ୍ ହେଇଥିବା ରାଜ୍ୟସ୍ତରୀୟ ଆମ୍ବେଦ୍କର୍ ଜୟନ୍ତୀ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଆମ୍ବେଦ୍କର୍ ଭବନ୍‌ଥି ଗ୍ରନ୍ଥାଗାର୍ ଆର୍ ସଭାଗୃହ ରହେବା । ସେନ ଡକ୍ଟର୍ ଆମ୍ବେଦକର୍‌ଙ୍କର୍ ନୀତି, ଆଦର୍ଶ ଆର୍ ଜୀବନୀ ଉପ୍‌ରେ ଅଏତ୍‌କା ଗବେଷଣା କରାଯିବା । ସେନ୍ତା ଭୁବ୍‌ନେଶ୍ୱର୍ ନ ଗୁଟେ ରାସ୍ତା ଆର୍ ପାର୍କକେ ତାଙ୍କର୍ ନାଁଥି ରଖାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଗୁଟେ ଦଲିତ୍ ପରିବାର୍‌ନୁ ଆସିକରି ଭାରତୀୟ ସମ୍ବିଧାନ୍‌ର ମୁଖ୍ୟ ସ୍ରଷ୍ଟା ହେବାର୍‌ତକ୍ ଆମ୍ବେଦ୍କର୍‌ଙ୍କର୍

ଜୀବନ୍‌ଯାତ୍ରା ଆଏବା ପିଢ଼ିକେ ତହଁକାବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଓଡ଼ିଆ ନୂଆବଛର୍- ରାଜ୍ୟପାଲ୍ I&PR

ଭୁବ୍‌ନେଶ୍ୱର୍ ରାଜ୍‌ଭବନ୍ ଗଲାକାଏଲ୍ ଓଡ଼ିଶା ସହେତେ ଭିନ୍ ଭିନ୍ ରାଜ୍ୟର୍ ନୂଆଁବଛର୍ ଆର୍ ହିମାଚଲ୍‌ପ୍ରଦେଶ୍‌ର ପ୍ରତିଷ୍ଠା ଦିବସ୍ ସମାରୋହ ଆୟୋଜିତ୍ ହେଇଥିଲା । ଉତ୍ସବ୍‌ଥି ଉଦ୍‌ବୋଧନ୍ ଦେଇକରି ରାଜ୍ୟପାଲ୍ ଡ. ହରିବାବୁ କମ୍ଭମ୍‌ପାଟି କହିଛନ୍, ଓଡ଼ିଶା ରାଜ୍‌ଭବନ୍ ନ ଅଲ୍‌ଗା ରାଜ୍ୟ ମାନ୍‌କର୍ ପ୍ରତିଷ୍ଠା ଦିବସ୍ ପାଲନ୍ କରାଯିବାର୍‌ଟା 'ଏକ୍ ଭାରତ୍ - ଶ୍ରେଷ୍ଠ ଭାରତ୍'ର ପ୍ରକୃତ୍ ଭାବ୍‌ନାକେ ଦର୍ଶଉଛେ । ଓଡ଼ିଆ ନୂଆଁବଛର୍ ଆର୍ ମହା ବିଷୁବ ସଂକ୍ରାନ୍ତି- ନୂତନତା, ଆଶା ଆର୍ ଦିବ୍ୟ ଆଶିର୍ବାଦ୍‌ର ଗୁଟେ ଶୁଭ ସମିଆର୍ ବାର୍ତା ଦଉଛେ ବଲି ରାଜ୍ୟପାଲ୍ ଡକ୍ଟର୍ କମ୍ଭମ୍‌ପାଟି କହିଛନ୍ । ଶକ୍ତିଶାଳୀ ଆଉ ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି ଓଡ଼ିଆ ନୂଆବଛ୍‌ରେ ସଭେ ପ୍ରତିବଦ୍ଧ ରହେବାର୍‌କେ ରାଜ୍ୟପାଲ୍ ଆହ୍ୱାନ୍ ଦେଇଛନ୍ ।

ଓଡ଼ିଆ ପକ୍ଷ ଉଦ୍‌ଯାପନୀ ସମାରୋହ I&PR

ରାଜ୍ୟ ସର୍‌କାର୍‌ଙ୍କର୍ ଓଡ଼ିଆ ପକ୍ଷ ପାଲନ୍ ଓଡ଼ିଆ ଅସ୍ମିତାର୍ ଭାବ୍‌ନାକେ ଅଏତ୍‌କା ବର୍‌କସ୍ କର୍‌ବା ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଭୁବ୍‌ନେଶ୍ୱର୍ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଠାନେ ଗଲାକାଏଲ୍ ଓଡ଼ିଆ ପକ୍ଷ - ୨୦୨୫ ର ଉଦ୍‌ଯାପନୀ ସମାରୋହଥି ଯୋଗ୍ ଦେଇକରି ରାଜ୍ୟପାଲ୍ ଡକ୍ଟର୍ କମ୍ଭମ୍‌ପାଟି କହିଛନ୍, ଓଡ଼ିଆ ପକ୍ଷ ପାଲନ୍ ସାଂସ୍କୃତିକ୍ ଗୌରବ୍‌କେ ଗୁଟେ ବିକଶିତ୍ ଓଡ଼ିଶା ଆଉ ବିକଶିତ୍ ଭାରତ୍ ଗଠନ୍ ଦିଗେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା । ଓଡ଼ିଆ ପକ୍ଷ ଖାଲି ରାଜ୍ୟର୍ ସମୃଦ୍ଧ ଐତିହ୍ୟକେ ସମ୍ମାନ୍ ନୁହେଁ, ବରଂ ଭିନ୍ ଭିନ୍ କ୍ଷେତ୍ର ନ ଓଡ଼ିଶାର୍ ଅପାର୍ ସମ୍ଭାବନାକେ ସଂରକ୍ଷଣ୍, ପ୍ରୋତ୍ସାହନ୍ ଆର୍ ପ୍ରଦର୍ଶନ୍ କର୍‌ବାର୍ ଲାଗି ଗୁଟେ ଆହ୍ୱାନ୍ ଆଏ ବଲି ରାଜ୍ୟପାଲ୍ କହିଛନ୍ ।

ପୁଷ୍ପ କୃଷିମେଳାକେ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଯୁଯୁମୁରା ବ୍ଲକ୍‌ର ସବୁଜ ସନାତନ୍‌ପାଲି ଗାଁନ ପୁଷ୍ପ କୃଷିମେଳାକେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଗଲାକାଏଲ୍ ଉଦ୍‌ଘାଟନ୍ କରିଛନ୍ । ମନ୍ତ୍ରୀ ଶ୍ରୀ ପ୍ରଧାନ୍, ନୂଆଁ

ଉପବଜାର୍ ନ ଥିବା କୃଷକ୍ ଭବନ୍, ଗୁଦାମ୍ ଘର, କଭର୍ ସେଡ୍ ତିଆରି ଲାଗି ନିହି ପକେଇଛନ୍ । ଇ ଅବ୍‌ସରେ “ପୁଷ୍ପ କୃଷି ପଲ୍ଲୀ ହାଉସ୍”କେ ଭିଲ୍ ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଲୋକାର୍ପଣ୍ କରିକରି ଭିନ୍ ଭିନ୍ ଗାଁର୍ ଚାଷୀମାନ୍‌କୁ ଫୁଲ୍‌ଗଛ୍ ଚାରା ବାଂଟିଛନ୍ ।

ସ୍ନାତକୋତର, ବିଏଡ୍/ଏମ୍ଏଡ୍/ବିଏଚ୍ଏଡ୍ ନାଁ ଲେଖା - I&PR

୨୦୨୫-୨୬ ଶିକ୍ଷା ବଛର୍ ଲାଗି ସ୍ନାତକୋତର ଆଉ ୨ ବର୍ଷିଆ ବି.ଏଡ୍/ଏମ୍.ଏଡ୍/ବି.ଏଚ୍.ଏଡ୍ ପାଠ୍ୟକ୍ରମଥି ନାଁ ଲେଖା ପ୍ରକ୍ରିୟା ଜୁଲାଇ ୧୦ ତାରିଖ୍ ଭିତ୍‌ରେ ମୁଲ୍ କର୍‌ବାର ଲାଗି ସରକାର ନିଷ୍ପତି ନେଇଛନ୍ । ସେନ୍ତା ଇ ଶିକ୍ଷା ବଛର୍ ଲାଗି ସ୍ନାତକ ଶ୍ରେଣୀ ପାଠ୍ୟକ୍ରମ୍‌ଥି ନାଁ ଲେଖା ପ୍ରକ୍ରିୟା ମୁଲ୍ କର୍‌ବାର ଲାଗି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ନିଷ୍ପତି ନିଆଯାଇଛେ । ଇଥି ନାଁ ଲେଖାବାର ଲାଗି ଆବେଦନକାରୀ ଆଏବା ୧୬ ତାରିଖ୍ ବୁଧବାର ନୁ common application form ଭରି କରି ଆବେଦନ୍ କରିପାର୍‌ବେ । ପାଠ୍ୟକ୍ରମ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାର୍‌ଥି କରାଯିବା । ନୀତି ଅନ୍‌ସାରେ

ଛାତ୍ରଛାତ୍ରୀମାନେ SAMS ପୋର୍ଟାଲ୍ ଜରିଏ ଆବେଦନ୍ କରିପାର୍‌ବେ ।

ଡଁଡ୍, ମେରୁଯାତ୍ରା ଉଦ୍‌ଯାପିତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର/ବୌଦ୍ଧ

ପଣା ସଂକ୍ରାନ୍ତି ଆଉ ମେରୁ ସଂକ୍ରାନ୍ତି ଅବ୍‌ସରେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଡଁଡ୍ ଆଉ ଝାମୁ ଯାତ୍ରା ଉଦ୍‌ଯାପିତ୍ ହେଇଯାଇଛେ । ୧୪ ଦିନ୍ ଧରିକରି ବ୍ରତଥି ରହିଥିବା ଡଁଡୁଆମାନେ ଗାଁ ଗାଁ ବୁଲିକରି ଗଲାକାଏଲ୍ ପଣାସଂକ୍ରାନ୍ତି ଅବ୍‌ସରେ ଡଁଡ୍ ଯାତ୍ରାକେ ଉଦ୍‌ଯାପନ୍ କରିଛନ୍ । ସମ୍ବଲ୍‌ପୁର୍ ଜିଲ୍ଲା ରେଢ଼ାଖୋଲ୍ ସହେତେ ଗାଁ ଗହଲି ନ ଡଁଡ୍ ଆଉ ମେରୁ ଯାତ୍ରା ଉଦ୍‌ଯାପିତ ହେଇଛେ ।

ସେନ୍ତା ଦେବ୍‌ଗଡ୍ ଜିଲ୍ଲା ନ ୧୪ ଦିନ୍ ହେଲା ଚାଲିଥିବା ଡଁଡ୍ ନାଚ୍ - ଝାମୁଯାତ୍ରା ଆର୍ ମେରୁପୂଜା ସାଙ୍ଗେ ଉଦ୍‌ଯାପିତ୍ ହେଇଯାଇଛେ । ତ୍ୟାଗ ଆଉ ନିଷ୍ଠାର୍ ପରମ୍ପରାକେ ନେଇକରି ଇ କଷ୍ଟସାଧ୍ୟ ଡଁଡ୍ ଯାତ୍ରାଥି ୧୩ ଝନ୍ ଡଁଡୁଆ ୧୬ ଖଁଡ୍ ବାଢ଼ି ଧରିକରି ଚୈତ୍ ମାସର୍ ଡହଡହ ଖରାଥି ଗାଁ ଗାଁ ବୁଲିଥିଲେ ।

ସେନ୍ତା ବୌଦ୍ଧ ଜିଲ୍ଲା ନ ଭିଲ୍ ଗଲାକାଏଲ୍ ଡଁଙ୍ ଯାତ୍ରା ଉଦ୍‌ଯାପିତ୍ ହେଇଛେ । ଜିଲ୍ଲାର୍ ଭିନ୍ ଭିନ୍ ଗାଁ ନ ମେରୁ ଯାତ୍ରା ଭିଲ୍ ପାଲିତ୍ ହେଇଛେ । ମାନସିକ୍ ପୂରଣ୍ ଲାଗି ଭକ୍ତମାନେ ୧୨ ହାତ୍ ଲମ୍ବା ଖଲାଥି ନିଆଁ ଉପ୍‌ରେ ଖାଲିପାଦେ ଚାଲିଥିଲେ ।

ପୁଲିସ୍ ହକି I&PR

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ସର୍ବଭାରତୀୟ ପୁଲିସ୍ ହକି ଚମ୍ପିଆନ୍‌ସିପ୍‌ଥି ଆଏଜ୍ ଉପର୍‌ବେଲା ୪ ବଜେ ସିଆର୍‌ପିଏଫ୍ ଆର୍ ଏସ୍‌ଏସ୍‌ବି ମହିଳା ଦଲ୍ ଭିତ୍‌ରେ ଫାଇନାଲ୍ ମେଚ୍ ଖେଲାଯିବା । ସେନ୍ତା ସଞ୍ଜବେଲର୍ ୬ ବଜେ ପୁରୁଷ ବର୍ଗଥି ସିଆର୍‌ପିଏଫ୍ ଆର୍ ପଞ୍ଜାବ୍ ପୁଲିସ୍ ଭିତ୍‌ରେ ଫାଇନାଲ୍ ମେଚ୍ ଖେଲାଯିବା ।

ଗଲାକାଏଲ୍ ମହିଳା ବର୍ଗଥି ସିଆର୍‌ପିଏଫ୍ -ଉତର୍‌ପ୍ରଦେଶ୍ ପୁଲିସ୍ ଦଲ୍‌କେ ହରେଇକରି ଫାଇନାଲ୍‌ଥି ପୁହୁଁଚିଥିଲା ବେଲେ ଏସ୍‌ଏସ୍‌ବି ଦଲ୍ - ଓଡ଼ିଶା ଦଲ୍‌କେ ହରେଇକରି ଫାଇନାଲ୍‌କେ ପୁହୁଁଚିଥିଲା ।

ସେନ୍ତା ପୁରୁଷ ବର୍ଗଥି ପଞ୍ଜାବ୍ ପୁଲିସ୍- ଆଇଟିବିପି ଦଲ୍‌କେ ଆର୍ ସିଆର୍‌ପିଏଫ୍ - ବିଏସ୍‌ଏଫ୍ ଦଲ୍‌କେ ହରେଇକରି ଫାଇନାଲ୍‌ଥି ପୁହୁଁଚିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୦ ତାରିଖ୍ ତକ୍ ରାଏଜର୍ ବଡ଼ଭାଗି ଜାଗାନ ଧୁକାଗର୍ଜି ସଙ୍ଗେ ବର୍ଷା ହେଇପାରେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ଼୍ ଆର୍ ବୌଦ୍ଧ ସହେତେ ରାଜ୍ୟର ଉପକୂଳ, ଦକ୍ଷିଣ ଆଉ ଆଭ୍ୟନ୍ତର ଇଲାକାର୍ ୨୧ ଟା ଜିଲ୍ଲା ନ ଧୁକାଗର୍ଜି ଆଉ ବର୍ଷା ହେଇପାରେ ବଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ପୂର୍ବାନୁମାନ କରାଯାଇଛେ । ସୁନ୍ଦରଗଡ଼୍, ମୟୁର୍‌ଭଞ୍ଜ, କେନ୍ଦୁଝର୍, ବାଲେଶ୍ୱର୍, ଢେଙ୍କାନାଲ୍, ଗଞ୍ଜାମ୍ ଆର୍ ଗଜପତି ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ ।